# NATIONAL NEWS BULLETIN (ODIA)

**13 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହିଳାମାନଙ୍କ ପାଇଁ ସଶକ୍ତିକରଣ  ଏକବିଂଶ ଶତାବ୍ଦୀରେ କେନ୍ଦ୍ର ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସର୍ଗୀକୃତ ନିଷ୍ପତ୍ତି, କହିଲେ ପ୍ରଧାନମନ୍ତ୍ରୀ

- ସୁପ୍ରିମକୋର୍ଟରେ ପଶ୍ଚିମବଙ୍ଗ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଶୁଣାଣି ଆଜିଠାରୁ ଆରମ୍ଭ ।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଆଜି ଅପରାହ୍ନରେ ସଂପନ୍ନ ହେବା ଆଶା ଭୋଁସ୍‌ଲେଙ୍କ ଶେଷକୃତ୍ୟ

- ଗୁଜରାଟର ଲଖ୍‌ତାର-ବିରାମବଙ୍ଗ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୭ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମ୍ୟାଚ୍

---

## ପିଏମ୍-ନାରୀଶକ୍ତି ବନ୍ଦନ

ଗଣତାନ୍ତ୍ରିକ ଶାସନ ଢ଼ାଞ୍ଚାରେ ମହିଳାମାନଙ୍କ ବର୍ଦ୍ଧିତ ଭାଗିଦାରୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି

ନାରୀଶକ୍ତି ବନ୍ଦନ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ' ମହିଳାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଏକବିଂଶ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛି ଏବଂ ସେହି ନିଷ୍ପତ୍ତି ମହିଳାମାନଙ୍କ ସଶକ୍ତିକରଣ ପ୍ରତି ଉତ୍ସର୍ଗୀକୃତ । ସେ କହିଛନ୍ତି ସଂସଦରେ ନୂଆ ଇତିହାସ ସୃଷ୍ଟି ହେବାକୁ ଯାଉଛି, ଯେଉଁଥିରେ ଅତୀତ ଏବଂ ଭବିଷ୍ୟତର ସମସ୍ତ ଆଶା ଆକାଂକ୍ଷା ପୂରଣ କରିପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଧାନସଭାଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ବହୁଦିନରୁ ଅପେକ୍ଷିତ ପ୍ରସଙ୍ଗ ଆସନ୍ତା ୧୬,୧୭ ଓ ୧୮ ତାରିଖରେ ପୂର୍ଣ୍ଣତାରେ ପରିଣତ ହେବ । ଶ୍ରୀ ମୋଦୀ କହିଛନ୍ତି, ୨୦୨୩ରେ ନବନିର୍ମିତ ସଂସଦ ଭବନରେ ନାରୀଶକ୍ତି ବନ୍ଦନ ଅଧିନିୟମର ପ୍ରଥମ ପଦକ୍ଷେପ ଭାବରେ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଥିଲେ, ତାହା କାର୍ଯ୍ୟରେ ପରିଣତ ହେବାକୁ ଯାଉଛି ।

**V/O (PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଗଣତନ୍ତ୍ର ମହିଳାମାନଙ୍କ ଯୋଗଦାନ ଫଳରେ ସୁଦୃଢ଼ ହେଉଥିବାରୁ ଗଣତାନ୍ତ୍ରିକ ଢ଼ାଞ୍ଚାରେ ମହିଳାମାନଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଜରୁରୀ । ସେ କହିଛନ୍ତି, ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମ୍ବିଧାନ ସଭା ଗଠନ ପର୍ଯ୍ୟନ୍ତ ହୋଇଥିବା ପ୍ରତ୍ୟେକଟି ନିଷ୍ପତ୍ତିରେ ଭାରତୀୟ ମହିଳାମାନେ ଅଭୂତପୂର୍ବ ଯୋଗଦାନ ଦେଇଛନ୍ତି । ସେ କହିଛନ୍ତି, ଯେଉଁଯେଉଁ ସମୟରେ ଦେଶରେ ମହିଳାମାନେ ବିଭିନ୍ନ ପଦପଦବୀରେ ଅର୍ଥାତ୍  ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ

କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସେମାନେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ମହିଳାମାନଙ୍କ ନେତୃତ୍ୱର ବଳିଷ୍ଠ ଉଦାହରଣ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା । ଭାରତରେ ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ୧୪ଲକ୍ଷରୁ ଅଧିକ ମହିଳା ସେମାନଙ୍କ ଭୂମିକା ନିର୍ବାହ କରୁଛନ୍ତି। ୨୦୧୪ ପରଠାରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ମହିଳାମାନଙ୍କୁ ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ସହାୟତା କରିବା ଲାଗି ସଫଳ ଭାବେ ଅନେକ ଯୋଜନା ପ୍ରଣୟନ କରିଛନ୍ତି ।

**V/O (PM-Panchayat)**

ଏହି ଅବସରରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମହିଳାମାନଙ୍କ ସଶକ୍ତିକରଣ, ଆତ୍ମସମ୍ମାନ ଏବଂ ଗଣତାନ୍ତ୍ରିକ ଭାଗିଦାରୀ କ୍ଷେତ୍ରରେ ନାରୀଶକ୍ତି ବନ୍ଦନ ଅଧିନିୟମର ଗୁରୁତ୍ୱ ସଂପର୍କରେ କହିଛନ୍ତି । ଦେଶର ବିକାଶ ଯାତ୍ରାରେ ଭାରତର ମହିଳାମାନେ ପଥପ୍ରଦର୍ଶକ ବୋଲି ମନ୍ତ୍ରୀ  କହିଛନ୍ତି । ମହିଳା ଭିତ୍ତିକ ବିକାଶ ବିଶ୍ୱ ଦରବାରରେ ଭାରତକୁ ଏକ ନୂଆ ପରିଚୟ ଦେଇଛି ବୋଲି ସେ କହିଛନ୍ତି । ଗତ ୩ ଦଶନ୍ଧି ହେଲା ଏ କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଏବଂ ରୂପାନ୍ତରଣର ପଦକ୍ଷେପ ଦ୍ୱାରା ମହିଳା ଭିତ୍ତିକ ବିକାଶର ସ୍ୱପ୍ନ ସାକାର ହେଉଛି । ମହିଳା ସଶକ୍ତିକରଣ ଦ୍ୱାରା ୨୦୪୭ର ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ କହି ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ।

ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗ୍‌ଦର୍ଶନରେ ପରିଚାଳିତ ବିକଶିତ ଭାରତ ଯାତ୍ରାକୁ ପ୍ରଶଂସା କରିଥିଲେ ।

---

# ଏସ୍‌ସି- ଡବ୍ଲୁବି ଏସ୍‌ଆଇଆର୍

ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ସୁପ୍ରିମକୋର୍ଟ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସଂପର୍କିତ ମାମଲାର ଶୁଣାଣି କରିବେ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାରି କରିବେ । ଖଣ୍ଡପୀଠରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ବିପୁଲ ଏମ୍. ପଞ୍ଚୋଲୀ ସଦସ୍ୟ ଅଛନ୍ତି । ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ଭୋଟର ତାଲିକା ଇତିମଧ୍ୟରେ ପ୍ରକାଶ ପାଇଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିରୀକ୍ଷଣରେ ୨୭ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି । ବୈଧ ଭୋଟର ସାବ୍ୟସ୍ତ କରିବା ଲାଗି ଗଠିତ ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତିର ମଧ୍ୟ ଆଜି ବିଚାର କରାଯିବ ।

ଅନ୍ୟପକ୍ଷରେ ଅଯୋଗ୍ୟ ଘୋଷିତ ଭୋଟରମାନଙ୍କୁ ଯଦି ଟ୍ରିବ୍ୟନାଲ୍ ବୈଧ ଭୋଟର ଭାବେ ଚିହ୍ନଟ କରେ, ସେ କ୍ଷେତ୍ରରେ ସେମାନେ ଭୋଟ୍ ଦେଇପାରିବେ କି ନାହିଁ ତାହା ମଧ୍ୟ ସୁପ୍ରିମକୋର୍ଟ ବିଚାର କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଆଜିଠାରୁ ମଧ ଟ୍ରିବ୍ୟୁନାଲ୍‌ରେ ଅଯୋଗ୍ୟ ଭୋଟରଙ୍କ ଅଭିଯୋଗ ନେଇ ଶୁଣାଣି ଆରମ୍ଭ ହୋଇଛି ।

---

## ଆଶା-ହୋମେଜ୍

ବର୍ଷିଆନ କଳାକାର ଆଶା ପାରେଖ୍ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହେମାନ ଏବଂ ପ୍ରସିଦ୍ଧ କ୍ରିକେଟ୍ ତାରାକ ସଚିନ ତେନ୍ଦୁଲକର' କିମ୍ବଦନ୍ତୀ ଗାୟିକା ଆଶା ଭୋଁସ୍‌ଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମୁମ୍ବାଇର ଲୋୟର ପରେଲ୍ ସ୍ଥିତ କାଶା ଗ୍ରାଣ୍ଡେ ସ୍ଥିତ ବାସଭବନରେ ଲୋକମାନେ ଆଶା ଭୋଁସ୍‌ଲେଙ୍କ ଶେଷ ଦର୍ଶନ କରୁଛନ୍ତି । ମୁମ୍ବାଇ ମେୟର୍ ରିତୁ ତାୱ୍ଡେ, ସୁଦେଶ ଭୋଁସ୍‌ଲେ, ତବୁ ଏବଂ ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି । ସୁପ୍ରସିଦ୍ଧ ଗାୟିକା ଆଶା ଭୋଁସ୍‌ଲେଙ୍କର ଗତକାଲି ୯୨ ବର୍ଷ ବୟସରେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ଘଟିଥିଲା ।

ସୂଚନା ଅନୁଯାୟୀ ଆଜି ଅପରାହ୍ନ ୩ଟା ପର୍ଯ୍ୟନ୍ତ ସର୍ବସାଧାରଣ ଶେଷଦର୍ଶନ ପରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମୁମ୍ବାଇର ଶିବାଜୀ ପାର୍କରେ ଶେଷକୃତ୍ୟ ସଂପନ୍ନ କରାଯିବ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯିବ ବୋଲି ଜଣାଯାଇଛି ।

---

## ପ୍ରେଜ୍-ଜାଲିଆନାୱାଲାବାଗ

୧୯୧୯ ମସିହା ଆଜିର ଦିନରେ ଜାଲିଆନାୱାଲାବାଗ୍ ନରସଂହାରରେ ଶହୀଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଏହି ଘଟଣା ଭାରତୀୟମାନଙ୍କ ମଧ୍ୟରେ ସ୍ୱାଧୀନତା

ହାସଲ ଲାଗି ସଂଗ୍ରାମକୁ ଆହୁରି ତୀବ୍ରତର କରିବା ନିମନ୍ତେ ଖୋରାକ ଯୋଗାଇଥିଲା । ରାଷ୍ଟ୍ରପତି କହିଛନ୍ତି, ଦେଶ ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ପ୍ରତି କୃତଜ୍ଞ ରହିବ । ରାଷ୍ଟ୍ରପତି କହିଛନ୍ତି, ଉତ୍ସର୍ଗୀକୃତ ମନୋଭାବ ସହ ଦେଶମାତୃକାର ସେବା ଲାଗି ସେମାନଙ୍କ ବଳିଦାନ ସର୍ବଦା ପ୍ରେରଣା ଯୋଗାଇବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଜାଲିଆନାୱାଲାବାଗ ଘଟଣାରେ ବଳିଦାନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେମାନଙ୍କ ବଳିଦାନ ଦେଶବାସୀଙ୍କ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଥିଲା । ସ୍ୱାଧୀନତା ହାସଲ କରିବା ଦିଗରେ ଗର୍ବର ସହ ଆତ୍ମବଳି ଦେବାର ଅଭୀପ୍‌ସା ଦେଶବାସୀଙ୍କୁ ପ୍ରେରଣା ଯୋଗାଇଥିଲା ।

ଶ୍ରୀ ଶାହା କହିଛନ୍ତି, ୧୯୧୯ ମସିହାରେ ବ୍ରିଟିଶ ଶାସନର କଠୋର ରୂପ ଦେଖିବାକୁ ମିଳିଥିଲା । ସାରା ବିଶ୍ୱକୁ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ମାନବତା ବିରୁଦ୍ଧରେ ବ୍ରିଟିଶ ସରକାରର ଅମାନୁଷିକ ବ୍ୟବହାର ଦେଶର ସ୍ୱାଧୀନତା ସଂଗ୍ରାମକୁ ଆହୁରି ଦୃଢ଼ ଓ ଲକ୍ଷ୍ୟଭେଦୀ କରିଥିଲା ।

---

## ଗୁଜରାଟ-ଆକ୍ସିଡେଣ୍ଟ

ଗୁଜରାଟର ଲଖ୍‌ତାର-ବିରାମଗଙ୍ଗ ରାଜପଥର ଛରାଡ ଗ୍ରାମ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ଅନେକ ଆହତ ହୋଇଥିବା ଜଣାପଡିଛି । ଆଜି ସକାଳେ ରାଜକୋଟରୁ ବହୁଚାରାଜୀ ଯାତ୍ରା କରୁଥିବା ଶ୍ରଦ୍ଧାଳୁମାନଙ୍କ

ଉପରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ି ଯାଇଥିଲା। ସୁରେନ୍ଦ୍ରନଗର ଆରକ୍ଷୀ ଅଧିକ୍ଷକ କହିଛନ୍ତି, ୬ ଜଣ ଶ୍ରଦ୍ଧାଳୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା । ଅନ୍ୟ ୪ ଜଣ ଶ୍ରଦ୍ଧାଳୁଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି । ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଡବ୍ଲୁବି କ୍ୟାମ୍ପେନ୍

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ସମୟ ନିକଟତର ହେଉଥିବା ବେଳେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ବିଭିନ୍ନ ରାଜନୈତିକ ଦଳର ତାରକା ପ୍ରଚାରକମାନେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ଆଡ଼କୁ ଆକର୍ଷିତ କରିବା ଲାଗି ସଭାସମିତି ଓ ର୍ୟାଲିମାନ ଆୟୋଜନ କରୁଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବୀରଭୂମ୍‌ଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇଛନ୍ତି । ସେ ତୃଣମୂଳ କଂଗ୍ରେସର କୁଶାସନକୁ ସମାଲୋଚନା କରିବା ସହ ଶାସକ ଦଳର ବିଭିନ୍ନ ଦୁର୍ନୀତି ସଂପର୍କରେ କହିଛନ୍ତି । ଶ୍ରୀ ଶାହା ଅଭିଯୋଗ କରିଛନ୍ତି, ଶିକ୍ଷାଠାରୁ ଆରମ୍ଭ କରି ନିଯୁକ୍ତି କ୍ଷେତ୍ର ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ସରକାର ଦୁର୍ନୀତିରେ ଲିପ୍ତ ରହିଥିବା ବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଜଳଜୀବନ ମିଶନକୁ କାର୍ଯ୍ୟକାରୀ କରିବା ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ତୃଣମୂଳ କଂଗ୍ରେସ ମୁଖ୍ୟ ତଥା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୀରଭୂମ୍‌ଠାରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇଥିବା ଜଣାପଡ଼ିଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନଗଣନା ୨୦୨୭ ସମ୍ପର୍କରେ ଏକ ଅର୍ନ୍ତଦୃଷ୍ଟିମୂଳକ ଆଲୋଚନା ଆତ୍ମଗଣନା କିଭଳି କରିବେ** ପ୍ରଚାର କରାଯିବ । ଆଲୋଚନାରେ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟର ଡେପୁଟୀ ଡାଇରେକ୍ଟର ଜେନେରାଲ ବିଶ୍ୱଜିତ୍ ଦାସ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ହାଇଦ୍ରାବାଦସ୍ଥିତ ରାଜୀବଗାନ୍ଧୀ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୭ ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ

ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୮ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା ।

## ଇସିଆଇ-ଡବ୍ଲୁବି

ଦୁଇଜଣ ବରିଷ୍ଠ ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଏବଂ ପଓ୍ଵନ କୁମାର ଶର୍ମା ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ଲାଗି ଗସ୍ତ କରୁଛନ୍ତି । ୩ ଦିନିଆ ଗସ୍ତ କାଳରେ ଜ୍ଞାନେଶ ଭାରତୀ ପଶ୍ଚିମ ବର୍ଦ୍ଧମାନ, ପୂର୍ବ ବର୍ଦ୍ଧମାନ, ହୁଗୁଳି ଏବଂ ଉତ୍ତର ଚବିଶପ୍ରଗଣା ଜିଲ୍ଲା ନିର୍ବାଚନ ଅଧିକାରୀ, ପୋଲିସ୍ କମିଶନର ଏବଂ ପୋଲିସ୍ ଅଧିକ୍ଷକମାନଙ୍କ ସହ ବୈଠକ କରିବେ । ଶ୍ରୀ ଭାରତୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ ପଓ୍ଵନ କୁମାର ଶର୍ମା  ବୀରଭୂମ୍, ମୁର୍ଶିଦାବାଦ, ନଦିଆ ଏବଂ ଦକ୍ଷିଣ ଚବିଶପ୍ରଗଣା ଜିଲ୍ଲାର ନିର୍ବାଚନ ଅଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ ନିର୍ବାଚନ କମିଶନର ଆସନ୍ତା ୧୫ ତାରିଖରେ ନୂଆଦିଲ୍ଲୀ ଫେରିଯିବେ ।